# NATIONAL NEWS BULLETIN (ODIA)

## 29 January-2025

### Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- କ୍ରୀଡ଼ା କ୍ଷେତ୍ରକୁ ଦେଶ ବିକାଶ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରାଯାଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀର ବିଜୟଚୌକ୍ ଠାରେ ଆଜି ଅନୁଷ୍ଠିତ ହେବ ବିଟିଂ ରିଟ୍ରିଟ୍ – ଧ୍ୱଜାବତରଣ ସମାରୋହ ।
- ମୌନି ଅମାବାସ୍ୟା ଅବସରରେ ପ୍ରୟାଗରାଜ ମହାକୁମ୍ଭ ମେଳାରେ ଦ୍ୱିତୀୟ ଅମୃତ ସ୍ନାନ ଅନୁଷ୍ଠିତ ।
- ଓଡ଼ିଶା ଖୁବ୍ ଶୀଘ୍ର ଆଇ.ଟି. କେନ୍ଦ୍ର ସ୍ଥଳରେ ପରିଣତ ହେବ, କହିଲେ ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ।

ଏବଂ

- ରାଜ୍‌କୋଟ୍ ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ଭାରତକୁ ୨୬ରନ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ପିଏମ୍-ନ୍ୟାସନାଲ୍ ଗେମ୍ସ

କ୍ରୀଡ଼ା କ୍ଷେତ୍ରକୁ ଦେଶର ବିକାଶ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନ୍ ଠାରେ ଗତ ସନ୍ଧ୍ୟାରେ ୩୮ତମ ଜାତୀୟ କ୍ରୀଡ଼ାକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଗତ ଦଶ ବର୍ଷ ମଧ୍ୟରେ କ୍ରୀଡ଼ା କ୍ଷେତ୍ର ପାଇଁ ବଜେଟ୍ ପ୍ରସ୍ତାବ ତିନି ଗୁଣ ବୃଦ୍ଧି ପାଇଛି ।

ଖେଲୋ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ଅଧୀନରେ କ୍ରୀଡ଼ାବିତ୍‌ଙ୍କ ପାଇଁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଫିଟ୍ ଇଣ୍ଡିଆ ଅଭିଯାନ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଯୁବବର୍ଗଙ୍କୁ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀ ଗ୍ରହଣ କରିବାରେ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଖେଳାଳି ଉତ୍ସାହିତ କରିବା ସହ ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତର ମର୍ଯ୍ୟାଦା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ ।

ଜାତୀୟ କ୍ରୀଡ଼ା ମସାଲ ତେଜସ୍ୱିନୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା । ଏହି ମସାଲ୍ ୧୩ଟି ଜିଲ୍ଲାର ୪ ହଜାର କିଲୋମିଟର ଯାତ୍ରା ଶେଷ କରି ସମାରୋହରେ ପହଞ୍ଚିଥିଲା । ଖେଳାଳିଙ୍କ ତରଫରୁ ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରାଯାଇଥିଲା । ଉତ୍ତରାଖଣ୍ଡର ୮ଟି

ଜିଲ୍ଲାର ୧୧ଟି ସହରରେ ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତାମାସ ୧୪ ତାରିଖରେ ଉଦ୍‌ଯାପିତ ହେବ ।

## ବିଟିଂ ରିଟ୍ରିଟ୍

ନୂଆଦିଲ୍ଲୀର ବିଜୟଚୌକ୍ ଠାରେ ଆଜି ବିଟିଂ ରିଟ୍ରିଟ୍ – ଧ୍ୱଜାବତରଣ ସମାରୋହ  ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଏଥିରେ ଯୋଗଦେବେ । ଆମ ପ୍ରତିନିଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ଏହି ସମାରୋହରେ ସେନା, ନୌସେନା, ବାୟୁସେନା ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ବ୍ୟାଣ୍ଡ ଗୁଡ଼ିକ ପକ୍ଷରୁ ମୋଟ୍ ୩୦ଟି ଧୁନ୍ ପରିବେଶଣ କରାଯିବ । 'କଦମ୍ କଦମ୍ ବଢ଼ାଏ ଯା' ଧୁନ୍‌ରୁ କାର୍ଯ୍ୟକ୍ରମର ଆରମ୍ଭ ହେବା ସହିତ 'ସାରେ ଜାହାଁସେ ଆଛା' ଲୋକପ୍ରିୟ ସଂଗୀତ ଧୁନ୍‌ରେ କାର୍ଯ୍ୟକ୍ରମ ଶେଷ ହେବ ବୋଲି ଜଣାପଡ଼ିଛି ।

## ମହାକୁମ୍ଭ-ଅମୃତ ସ୍ନାନ

ମୌନି ଅମାବାସ୍ୟା ଅବସରରେ ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ଦ୍ୱିତୀୟ ଅମୃତ ସ୍ନାନ ଅନୁଷ୍ଠିତ ହୋଇଛି । ଆଜିର ଅମୃତ ସ୍ନାନକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଗତ ୧୪ ତାରିଖ ମକର ସଂକ୍ରାନ୍ତୀରେ ପ୍ରଥମ ଅମୃତ ସ୍ନାନ ଅନୁଷ୍ଠିତ ହୋଇଥିଲା । ୧୩ଟି ଆଖଡ଼ା ମଧ୍ୟରୁ ପ୍ରତ୍ୟେକଙ୍କୁ ନିର୍ଦ୍ଧାରିତ ସମୟ ଏବଂ କ୍ରମ ଅନୁସାରେ ସାହି ସ୍ନାନ ପାଇଁ ଅନୁମତି ପ୍ରଦାନ କରାଯାଇଥାଏ । ମହା ନିର୍ବାଣୀ ପଞ୍ଚାୟତି ଆଖଡ଼ା ଏବଂ ସମ୍ଭୁ ପଞ୍ଚାୟତ ଅଟଳ ଆଖଡ଼ା ତ୍ରିବେଣୀ ସଂଗମ ଠାରେ ଆଜି ପ୍ରଥମ ସ୍ନାନ କରିଛନ୍ତି ।

ଏହି ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କର ପ୍ରୟାଗରାଜ ଠାରେ ସମାଗମ ହୋଇଛି । ଉତ୍ତର ପ୍ରଦେଶ ସରକାର ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସାତସ୍ତରୀୟ  ସୁରକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି ।

## ଇଣ୍ଡିଆ-ୟୁ.ଏ.ଇ.

ଭାରତ ଏବଂ ୟୁ.ଏ.ଇ. ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ମାର୍ଗ ଉନ୍ମୋଚନ ପାଇଁ ରାସ୍ ଅଲ୍ ଖାଇମା ଠାରେ ଦୁଇ ଦେଶର ନେତୃ ସ୍ଥାନୀୟ ବ୍ୟକ୍ତି ଆଲୋଚନା ବୈଠକରେ ଅଂଶଗ୍ରହଣ

କରିଥିଲେ । ରାସ୍ ଅଲ୍ ଖାଇମା ଅର୍ଥନୈତିକ ଜୋନ୍, ମହାରାଷ୍ଟ୍ର ଶିଳ୍ପ ବିକାଶ ନିଗମ ଏବଂ ଭାରତୀୟ ଶିଳ୍ପ ମହାସଂଘ ସମେତ ପ୍ରମୁଖ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ସହଭାଗିତା ନେଇ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶିଳ୍ପ ସହଯୋଗକୁ ସୁଦୃଢ଼ କରିବା ଏବଂ ବ୍ୟବସାୟ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ରାସ୍ ଅଲ୍ ଖାଇମାର ଶାସକ ଶେଖ୍ ସୌଦ ବିନ୍ ସକର୍ ଅଲ୍ କାସିମି ବୈଠକକୁ ସମ୍ବୋଧନ କରି ଭାରତ ଏବଂ ୟୁ.ଏ.ଇ. ମଧ୍ୟରେ ଥିବା ସୁଦୃଢ଼ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ପ୍ରତ୍ୟକ୍ଷ ମୁଦ୍ରା ଦେଣନେଣ ଏବଂ ମୁକ୍ତ ବାଣିଜ୍ୟ କ୍ଷେତ୍ର ବିକାଶ ଭଳି ପଦକ୍ଷେପ ଗୁଡ଼ିକ ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଏହି ଅବସରରେ ଭାରତର କନ୍ସୁଲ୍ ଜେନେରାଲ୍ ସତୀଶ କୁମାର ଶିବନ ଦେଶ ସ୍ୱାଧୀନତା ହେବା ପରଠାରୁ ବିଶ୍ୱର ପଞ୍ଚମ ବୃହତମ ଅର୍ଥନୀତି ପହଞ୍ଚିବା ପର୍ଯ୍ୟନ୍ତ ଯାତ୍ରା ଉପରେ ଆଲୋକପାତ କରିଥିଲେ । ସୂଚନା ଯୋଗ୍ୟ ଗତବର୍ଷ ଭାରତ-ୟୁ.ଏ.ଇ. ବାଣିଜ୍ୟ କାରବାର ୮୫ ବିଲିୟନ୍ ଡଲାର୍‌ରେ ପହଞ୍ଚିଥିଲା । ଏଥିସହ ଭାରତର ତୃତୀୟ ବୃହତମ ବାଣିଜ୍ୟ ସହଯୋଗୀ ଭାବେ ୟୁ.ଏ.ଇ. ସ୍ଥାନିତ ହୋଇଥିଲା ।

# ଅଲ୍ ପାର୍ଟି ମିଟିଂ

ସଂସଦର ଆଗାମୀ ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ବଜେଟ୍ ଅଧିବେଶନ ଆସନ୍ତା ଶୁକ୍ରବାର ଠାରୁ ଆରମ୍ଭ ହେବ । ଶନିବାର ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ବର୍ଷ ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିବେ ।

# ଉତ୍କର୍ଷ ଓଡିଶା

ଓଡିଶା ଖୁବ୍ ଶୀଘ୍ର ଏକ ଆଇ.ଟି କେନ୍ଦ୍ର ସ୍ଥଳରେ ପରିଣତ ହେବ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । 'ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା' ସମ୍ମିଳନୀରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଆଇ.ଟି., ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ପ୍ରାୟ ୨୦ହଜାର ୯ଶହ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି । ଏହା ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଓଡିଶାର ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ବିଭିନ୍ନ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶାରେ ପୁଞ୍ଜିନିବେଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏଥିଲାଗି ରାଜ୍ୟର ଭିତ୍ତିଭୂମି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଉତ୍କର୍ଷ ଓଡିଶା ସମ୍ମିଳନୀରେ ଆଜି ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କୃଷି, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା, ଉଦ୍ୟୋଗର  ବିକାଶ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଇସି-କେଜରିୱାଲ

ଏକ ସାକ୍ଷାତକାରରେ ଯମୁନା ନଦୀ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ଆମ୍ ଆଦମୀ ପାର୍ଟି ଆବାହକ ଅରବିନ୍ଦ କେଜରିୱାଲଙ୍କୁ ନିର୍ବାଚନ କମିଶନ୍ ନୋଟିସ୍ ଜାରି କରିଛନ୍ତି । ଏହି ମନ୍ତବ୍ୟ ଉପରେ ବିଜେପି ଏବଂ କଂଗ୍ରେସ ପକ୍ଷରୁ କମିଶନ୍‌ଙ୍କ ପାଖରେ ଅଭିଯୋଗ ଦାଖଲ କରାଯାଇଥିଲା । ଆଜି ରାତି ୮ଟା ସୁଦ୍ଧା ନିଜର ଜବାବ ଦାଖଲ କରିବାକୁ କମିଶନ୍ ଶ୍ରୀ କେଜରିୱାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିଶନ୍ କହିଛନ୍ତି, ଦିଲ୍ଲୀ ଜଳ ବୋର୍ଡର ରିପୋର୍ଟକୁ ଅନୁଧ୍ୟାନ କରାଯାଇଛି ଏବଂ

ସେଥିରେ ଯମୁନା ସମ୍ପର୍କିତ ସେଭଳି କୌଣସି ତଥ୍ୟ ଉଲ୍ଲେଖ ନାହିଁ । ଶ୍ରୀ କେଜରିଓ୍ୱାଲଙ୍କ ଯମୁନା ନଦୀରେ ବିଶକ୍ରିୟା ସମ୍ପର୍କିତ ଉକ୍ତି ନେଇ କୌଣସି ବାସ୍ତବ ଭିତ୍ତିଭୂମି ନାହିଁ ବୋଲି  ନିର୍ବାଚନ କମିଶନ୍ କହିଛନ୍ତି । ଏଭଳି ଅଭିଯୋଗ ଆଞ୍ଚଳିକ ଏବଂ ପଡ଼ୋଶୀ ରାଜ୍ୟବାସୀଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି କରିବ ବୋଲି କମିଶନ୍ କହିଛନ୍ତି ।

## ସର୍ବିୟା ପି.ଏମ୍. ରିଜାଇନ୍

ସର୍ବିୟା ପ୍ରଧାନମନ୍ତ୍ରୀ  ମିଲୋସ ଭୁଶେଭିକ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି । ଗତ ନଭେମ୍ବର ମାସରେ ରେଳ ଷ୍ଟେସନ୍ ଛାତ ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ ଚାଲିଥିବା ବିକ୍ଷୋଭ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି । ଉତ୍ତରାଞ୍ଚଳର ନୋଭିସାଡ୍ ସହରରେ ଏହି ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା । ବେଲ୍‌ଗ୍ରେଡ୍‌ର ପ୍ରମୁଖ ଟ୍ରାଫିକ୍ ଛକରେ ସର୍ବିୟାର ଛାତ୍ର ଏବଂ କୃଷକମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବାର  ଗୋଟିଏ ଦିନ ପରେ ପ୍ରଧାନମନ୍ତ୍ରୀ ଏହି ଘୋଷଣା କରିଛନ୍ତି ।

ସୂଚନା ଯୋଗ୍ୟ ପ୍ରଧାନମନ୍ତ୍ରୀ ମିଲୋସଙ୍କ କାର୍ଯ୍ୟକାଳୟ ବର୍ଷେ ମଧ୍ୟ ପୁରି ନାହିଁ ।

# ସରସ୍ୱତୀ ମହୋତ୍ସବ

ହରିଆଣାର କୁରୁକ୍ଷେତ୍ର ଜିଲ୍ଲା ଅନ୍ତର୍ଗତ ପେହୋଓ୍ୱା ସରସ୍ୱତୀ ତୀର୍ଥ ଠାରେ ଆଜିଠାରୁ ଆନ୍ତର୍ଜାତିକ ସରସ୍ୱତୀ ମହୋତ୍ସବ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି ଏହି ମହୋତ୍ସବକୁ ଉଦ୍‌ଘାଟନ କରିବେ । ୭ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ । ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୪ ତାରିଖ ପର୍ଯ୍ୟନ୍ତ ତୀର୍ଥ ସ୍ଥଳରେ ସାରସମେଳା ଅନୁଷ୍ଠିତ ହେବ ।

# କ୍ରିକେଟ୍

ରାଜ୍‌କୋଟ୍ ଟି-ଟ୍ୱେଣ୍ଟି ପ୍ରତିଯୋଗିତାରେ ଇଂଲଣ୍ଡ ଭାରତକୁ ୨୬ରନ୍‌ରେ ପରାସ୍ତ କରିଛି । ଚଳିତ ୫ଟିକିଆ ସିରିଜ୍‌ର ତୃତୀୟ ମ୍ୟାଚ୍‌କୁ ଇଂଲଣ୍ଡ ଜିତିବା ପରେ ମଧ୍ୟ ସିରିଜ୍ ଏ ପର୍ଯ୍ୟନ୍ତ ୨-୧ରେ ଭାରତ ସପକ୍ଷରେ ରହିଛି । ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୧୭୧ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବେନ୍ ଡକେଟ୍ ୨୮ଟି ବଲ୍‌ରୁ ଦ୍ରୁତ ୫୧ରନ୍ ଏବଂ ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ ୨୪ଟି ବଲ୍‌ରୁ ୪୩ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୧୭୨ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୯ ଓ୍ୱିକେଟ୍

ବିନିମୟରେ ୧୪୫ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ହାର୍ଦିକ ପାଣ୍ଡ୍ୟା ୩୫ଟି ବଲ୍‌ରୁ ସର୍ବାଧିକ ୪୦ରନ୍ ସଂଗ୍ରହ କରିଥିଲେ । ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ଶୁକ୍ରବାର ଦିନ ପୁନେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍ ଠାରେ ଖେଳାଯିବ ।

## ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ମ୍ୟାଚ୍‌ରେ ଗୋନାସିକା ଦଳ ଗତକାଲିର ମ୍ୟାଚ୍‌ରେ ବିଜୟୀ ହୋଇଛି । ରାଉରକେଲାର ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୋନାସିକା ଦଳ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ହାଇଦ୍ରାବାଦ୍ ତୁଫାନ୍ସକୁ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ତିନୋଟି ଲେଖାଏଁ ଗୋଲ୍ ଦେଇଥିଲେ । ଲିଗ୍ ପର୍ଯ୍ୟାୟର ଶେଷ ଦୁଇଟି ମ୍ୟାଚ୍ ଆଜି ରାଉରକେଲା ଠାରେ ଖେଳାଯିବ । ସନ୍ଧ୍ୟା ୬ଟାରେ ପ୍ରଥମ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ଏବଂ ଶ୍ରାଚି ରାଢ଼ା ବେଙ୍ଗଲ ଟାଇଗର୍ସ୍ ପରସ୍ପରକୁ ଭେଟିବାକୁ ଥିବାବେଳେ ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରାସ୍ ଏବଂ ତାମିଲ୍‌ନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା ହେବ । ଆଜିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ୍ ତାଲିକା ଚୂଡ଼ାନ୍ତ ହେବ ।